# ଅଜିତ ସିଂହ

## ବନାମ

## ହରିୟାଣା ରାଜ୍ୟ

## ଫେବୃଆରୀ 8, 1996

## [ଜି.ଏନ୍. ରାୟ ଏବଂ ଏନ୍.ପି. ସିଂହ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତୀୟ ପିଙ୍ଗଳ ସଂହିତା, 1860/TADA ଅଧିନିୟମ:*

*ଧାରା 392, 394, 397/5 – ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥିବା ଦୁଇ ଅଭିଯୁକ୍ତ - ଲୁଟ୍ ସମୟରେ ଦେଶୀ ପିସ୍ତଲ ବ୍ୟବହୃତ ହୋଇ ନଥିଲା, ବରଂ ଅନୁମାନ କରାଯାଉଛି ଯେ ଏହା ଆତ୍ମରକ୍ଷା ପାଇଁ ବ୍ୟବହୃତ ହୋଇଥିଲା - ଅପିଲକାରୀଙ୍କ ଦୋଷୀ ସାବ୍ୟସ୍ତ - ଧାରା 397 ଏବଂ 394 ଅନ୍ତର୍ଗତ ଅଭିଯୁକ୍ତଙ୍କ ଦୋଷୀ ସାବ୍ୟସ୍ତ ଅସମର୍ଥନୀୟ ଏବଂ ତେଣୁ ଅଯୌକ୍ତିକ - ଧାରା 392 ଅନ୍ତର୍ଗତ ଦୋଷୀ ସାବ୍ୟସ୍ତ ଜାରି ରହିଛି - ତେବେ ଦଣ୍ଡାଦେଶକୁ ପାଞ୍ଚ ବର୍ଷ କାରାଦଣ୍ଡକୁ ହ୍ରାସ କରାଯାଇଛି - ଦାରିଦ୍ର୍ୟ କାରଣରୁ ସହ-ଅଭିଯୁକ୍ତଙ୍କ ଦ୍ୱାରା କୌଣସି ଅପିଲ କରାଯାଇନାହିଁ - ସମାନ ପରିସ୍ଥିତିରେ ଅନ୍ୟ ଅଭିଯୁକ୍ତଙ୍କ ବିରୁଦ୍ଧରେ ପାରିତ ହୋଇଥିବା ଦଣ୍ଡାଦେଶର ପରିବର୍ତ୍ତନଜନିତ ସୁବିଧା ପାଇବାକୁ ସେ ମଧ୍ୟ ହକଦାର ହେବେ ।*

*ଶ୍ରୀ ଫୁଲ କୁମାର ବନାମ ଦିଲ୍ଲୀ ପ୍ରଶାସନ,* **[1975] 1 SCC 797 ଏବଂ** *ପିଆରା ସିଂହ ବନାମ ମଧ୍ୟପ୍ରଦେଶ ରାଜ୍ୟ,* **[1992] Suppl. 3 SCC 45, ମାମଲାଦ୍ୱୟ ଉପରେ ନିର୍ଭରଶୀଳତା ରଖାଯାଇଥିଲା ।**

ଫୌଜଦାରୀ ଅପିଲୀୟ କ୍ଷେତ୍ରାଧିକାରିତା: ଫୌଜଦାରୀ ଅପିଲ ସଂଖ୍ୟା 782/1995 ।

ଫୌଜଦାରୀ ମାମଲା ସଂଖ୍ୟା 106/1992, ଫୌଜଦାରୀ ବିଚାର ସଂଖ୍ୟା 161/1993 ରେ ସୋନିପତସ୍ଥିତ ଦାୟିତ୍ୱପ୍ରାପ୍ତ ନ୍ୟାୟାଳୟଙ୍କ 11.12.93 ତାରିଖର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ସୁଶୀଲ କୁମାର ।

ଉତ୍ତରଦାତାଙ୍କ ତରଫରୁ ଆଇ.ଏସ୍. ଗୋୟଲ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅଜିତ ସିଂହ ବନାମ ରାଜ୍ୟ

ଏହା ଆତଙ୍କବାଦୀ ଏବଂ ବିଘଟନକାରୀ କାର୍ଯ୍ୟକଳାପ (ପ୍ରତିରୋଧ) ଅଧିନିୟମ, 1987 (ଏହା ପରେ TADA ଭାବେ ସୂଚିତ) ର ଧାରା 19 ଅନ୍ତର୍ଗତ ଅପିଲକାରୀଙ୍କ ଦ୍ୱାରା ଜେଲରୁ ଦାଖଲ କରାଯାଇଥିବା ଏକ ଅପିଲ । ଏଥିରୁ ପ୍ରତୀୟମାନ ହେଉଛି ଯେ, ପ୍ରାରମ୍ଭରେ ଅପିଲକାରୀ ଏବଂ ସହ-ଅଭିଯୁକ୍ତ ରାଜ ପାଲଙ୍କ ବିରୁଦ୍ଧରେ ଆଇପିସି ଧାରା 394, 392 ଏବଂ 397 ଏବଂ TADA ଅଧିନିୟମର ଧାରା 5 ଅନ୍ତର୍ଗତ ଆରୋପ ପତ୍ର ଦାଖଲ କରାଯାଇଥିଲା । କିନ୍ତୁ ବିଚାର ସମୟରେ, ସୋନିପତସ୍ଥିତ ରୋହତକର ଦାୟିତ୍ୱପ୍ରାପ୍ତ ନ୍ୟାୟାଳୟରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଆଇପିସି ଧାରା 392, 397 ଏବଂ 394 ଅନ୍ତର୍ଗତ ଅପରାଧ ପାଇଁ ଅଭିଯୋଗ ହୋଇଥିଲା ।

ଅଭିଯୋଜନ ପକ୍ଷର ସଂକ୍ଷିପ୍ତ ତଥ୍ୟ ଅନୁସାରେ, ତା 12.4.90 ରିଖ ଦିନ ଯେତେବେଳେ ଅଭିଯୋଜନ ପକ୍ଷ ସାକ୍ଷୀ 7, ସୁରେଶ ତାଙ୍କ ଭାଇ ଅଭିଯୋଜନ ପକ୍ଷ ସାକ୍ଷୀ 8, ସୁଭାଷଙ୍କ ସହ ଏକ ସ୍କୁଟରରେ ଗୋହାନାରୁ ଗଡ଼୍ୱାଲ ଗ୍ରାମକୁ ଯାଉଥିଲେ, ଉକ୍ତ ଦୁଇ ଅଭିଯୁକ୍ତ ହଠାତ୍ ପିସ୍ତଲ ଧରି ସେଠାରେ ପହଞ୍ଚିଥିଲେ ଏବଂ ସ୍କୁଟରଟିକୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ, କିନ୍ତୁ ତାଙ୍କ ଭାଇ ସୁଭାଷ ସେପରି କରିବାକୁ ଦେଇନଥିଲେ । ତେବେ ଅଭିଯୁକ୍ତ ଜଣକ ସ୍କୁଟରର ହ୍ୟାଣ୍ଡେଲ୍ ଧରି ପକାଇଥିଲେ ଏବଂ ସୁରେଶଙ୍କ ପଛପଟେ ପିସ୍ତଲ ଦେଖାଇ ତାଙ୍କ ପାଖରେ ଥିବା ସମସ୍ତ ମୂଲ୍ୟବାନ ସାମଗ୍ରୀ ହସ୍ତାନ୍ତର କରିବାକୁ କହିଥିଲେ । ଭୟରେ ସୁରେଶ 1,775 ଟଙ୍କା ଥିବା ଏକ ପର୍ସ ଏବଂ ତାଙ୍କ ହାତଘଣ୍ଟା ଦେଇଦେଇଥିଲେ ଏବଂ ଅନ୍ୟ ଅଭିଯୁକ୍ତ ରାଜପାଲ ବଳପୂର୍ବକ ସୁଭାଷଙ୍କ ହାତଘଣ୍ଟା ମଧ୍ୟ ଛଡ଼ାଇ ନେଇଥିଲେ । ଏହାପରେ ସ୍କୁଟର ଛଡ଼ାଇବା ପାଇଁ ଚେଷ୍ଟା କରାଯାଇଥିଲା । ଅଭିଯୋଜନ ପକ୍ଷ ସାକ୍ଷୀ 7, ସୁରେଶ, ସେତେବେଳେ ଏକ ଖାଲି କ୍ଷୀର ଡ୍ରମ୍ ଉଠାଇ ଅଭିଯୁକ୍ତ ଅଜିତଙ୍କୁ ସେହି ଡ୍ରମ୍‌ରେ ଆଘାତ କରିଥିଲେ । ଏହାପରେ ଅଭିଯୁକ୍ତ ଅଜିତ ସୁରେଶଙ୍କ ଉପରକୁ ପିସ୍ତଲରୁ ଗୁଳି ଚଳାଇଥିଲେ, ଯାହା ସୁରେଶଙ୍କ ବାମ ହାତରେ ବାଜିଥିଲା ଏବଂ ସୁରେଶଙ୍କ ବାମ ହାତର ବୃଦ୍ଧାଙ୍ଗୁଳି ଓ ପ୍ରଥମ ଆଙ୍ଗୁଠି କ୍ଷତବିକ୍ଷତ ହୋଇଥିଲା । ସୁରେଶ ଏବଂ ଅଜିତ ପରସ୍ପର ସହ ହାତାହାତି ହୋଇଥିଲେ । ସେହି ସମୟରେ ଅଭିଯୁକ୍ତ ଅଜିତ, ସୁରେଶଙ୍କ ବାମ ହାତକୁ ଦାନ୍ତରେ କାମୁଡ଼ି ଦେଇଥିଲେ ଏବଂ ପିସ୍ତଲ ଚଳାଇ ଦୁଇ ଭାଇଙ୍କୁ ଧମକ ଦେଇଥିଲେ, କିନ୍ତୁ ସୁରେଶ ଓ ସୁଭାଷ ଖସି ପଳାଇବାରେ ସଫଳ ହୋଇଥିଲେ । ପରଦିନ, ରୋହତକ ଜିଲ୍ଲାର ବରୋଦା ଥାନାରେ ଏକ ଏତଲା ଦାୟର କରାଯାଇଥିଲା ।

ଅଭିଯୋଜନ ପକ୍ଷର ତଥ୍ୟ ଅନୁସାରେ, ତା 16.5.90 ରିଖରେ ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା ଏବଂ ଅଭିଯୁକ୍ତଙ୍କ ସୂଚନା ଆଧାରରେ, ଅଭିଯୋଜନ ପକ୍ଷ ସାକ୍ଷୀ 7 ଏବଂ 8 ଙ୍କ

ଠାରୁ ଛଡ଼ାଇ ନିଆଯାଇଥିବା ହାତଘଣ୍ଟାଗୁଡ଼ିକୁ ତା 18.5.90 ରିଖରେ ଏକ ବଗିଚାରେ ପୋତାଯାଇଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ଅଭିଯୋଜନ ପକ୍ଷର ତଥ୍ୟ ଏହା ମଧ୍ୟ ଦର୍ଶାଉଛି ଯେ, ଉଭୟ ଅଭିଯୁକ୍ତ ଚିହ୍ନଟ ପ୍ରକ୍ରିୟାରେ ଯୋଗ ଦେବାକୁ ସମ୍ମତି ପ୍ରକାଶ କରିନଥିଲେ ଏବଂ ସେଥିପାଇଁ ଚିହ୍ନଟ ପ୍ରକ୍ରିୟା କରାଯାଇ ନଥିଲା । ଏହି ମାମଲାରେ ଉପସ୍ଥାପିତ ସାକ୍ଷ୍ୟପ୍ରମାଣକୁ ବିଚାର କରି, ବିଜ୍ଞ ଦାୟିତ୍ୱପ୍ରାପ୍ତ ନ୍ୟାୟାଳୟ ଉଭୟ ଅଭିଯୁକ୍ତଙ୍କୁ ଧାରା 397 ସହ ପଠିତ ଧାରା 392 ଏବଂ ଧାରା 394 ଆଇପିସି ଅନ୍ତର୍ଗତ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରିଥିଲେ । ନ୍ୟାୟାଳୟ ଉଭୟ ଅଭିଯୁକ୍ତଙ୍କୁ 10 ବର୍ଷ ସଶ୍ରମ କାରାଦଣ୍ଡ ସହ ଧାରା 394 ଅନ୍ତର୍ଗତ 250 ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ସ୍ଥଳେ ଅଧିକ ତିନି ମାସ ପାଇଁ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦେଇଥିଲେ । ଉଭୟ ଅଭିଯୁକ୍ତଙ୍କୁ ମଧ୍ୟ ଧାରା 397 ସହ ପଠିତ ଧାରା 392 ଆଇପିସି ଅନ୍ତର୍ଗତ ଅପରାଧ ପାଇଁ ସାତ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଯାଇଥିଲା ।

ଏହି ମାମଲାରେ ଅପିଲକାରୀଙ୍କ ତରଫରୁ *ନ୍ୟାୟ ମିତ୍ର* ଭାବେ ହାଜର ହୋଇଥିବା ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ସୁଶୀଲ କୁମାର ଯୁକ୍ତି ଦର୍ଶାଇଛନ୍ତି ଯେ, ଯଦି ଜଣେ ଅଭିଯୁକ୍ତ ମାରଣାସ୍ତ୍ର ବ୍ୟବହାର କରିନଥାନ୍ତି, ତେବେ ତାଙ୍କୁ ଆଇପିସିର ଧାରା 397 ଅନ୍ତର୍ଗତ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ । ଏହି ଯୁକ୍ତିର ସମର୍ଥନରେ, *ଶ୍ରୀ ଫୁଲ କୁମାର ବନାମ ଦିଲ୍ଲୀ ପ୍ରଶାସନ*, [1975] 1 SCC 797 ମାମଲାରେ ଏହି ନ୍ୟାୟାଳୟଙ୍କ ଏକ ନିଷ୍ପତ୍ତି ଉପରେ ନିର୍ଭରଶୀଳତା ରଖାଯାଇଛି । ଶ୍ରୀ ସୁଶୀଲ କୁମାର ଏହା ମଧ୍ୟ ଦର୍ଶାଇଛନ୍ତି ଯେ, ନିରସ୍ତ୍ର ଥିବା ସହ-ଅଭିଯୁକ୍ତଙ୍କୁ ଆଇପିସିର ଧାରା 397 ଅନ୍ତର୍ଗତ ଦୋଷୀ ସାବ୍ୟସ୍ତ କରିବା କେବଳ ଏହା ସୂଚାଉଛି ଯେ, ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସମୟରେ ମାମଲାର ତଥ୍ୟଗୁଡ଼ିକ ପ୍ରତି ଉପଯୁକ୍ତ ବିଚାରବୁଦ୍ଧି ପ୍ରୟୋଗ କରାଯାଇ ନାହିଁ । ଶ୍ରୀ ସୁଶୀଲ କୁମାର ଏହା ମଧ୍ୟ ଯୁକ୍ତି କରିଛନ୍ତି ଯେ, ଯଦିଓ ଅଭିଯୋଜନ ପକ୍ଷର ତଥ୍ୟକୁ ସତ ବୋଲି ଗ୍ରହଣ କରାଯାଏ, ତଥାପି ଅପିଲକାରୀ ଅଜିତଙ୍କ ବିରୁଦ୍ଧରେ ଧାରା 397 ଅନ୍ତର୍ଗତ କୌଣସି ଦୋଷୀ ସାବ୍ୟସ୍ତ ଯଥାର୍ଥ ନୁହେଁ । ସେ ଦର୍ଶାଇଛନ୍ତି ଯେ, ଅଭିଯୋଜନ ପକ୍ଷର ସାକ୍ଷୀମାନଙ୍କ ପ୍ରମାଣରୁ ଏହା ପ୍ରତୀୟମାନ ହେଉଛି ଯେ, କଥିତ ଲୁଟ୍ କରିବା ପାଇଁ ଉକ୍ତ ପିସ୍ତଲ ବ୍ୟବହୃତ ହୋଇନଥିଲା, କିନ୍ତୁ ଯେତେବେଳେ ସୁରେଶ ଅଭିଯୁକ୍ତ ଅଜିତଙ୍କ ଉପରକୁ ଏକ କ୍ଷୀର କ୍ୟାନ୍ ଫିଙ୍ଗିଥିଲେ, ସେତେବେଳେ ସେ ସମ୍ଭବତଃ ଆତ୍ମରକ୍ଷା ପାଇଁ ନିଜ ଦେଶୀ ପିସ୍ତଲରୁ ଗୁଳି ଚଳାଇଥିଲେ, ଯାହା ଅଭିଯୋଜନ ପକ୍ଷ ସାକ୍ଷୀ-7 ସୁରେଶଙ୍କ ବାମ ହାତର ବୃଦ୍ଧାଙ୍ଗୁଳି ଏବଂ ଆଙ୍ଗୁଠିରେ ବାଜିଥିଲା । ସେହି ଅନୁସାରେ, ଧାରା 397 ଅନ୍ତର୍ଗତ ଅଜିତଙ୍କ ଦୋଷୀ ସାବ୍ୟସ୍ତ ମଧ୍ୟ ଅଯୌକ୍ତିକ । ଶ୍ରୀ ସୁଶୀଲ କୁମାର କହିଛନ୍ତି ଯେ, ଏହି ମାମଲାରେ ଉପସ୍ଥାପିତ ସାକ୍ଷ୍ୟପ୍ରମାଣଗୁଡ଼ିକ

ବିଶ୍ୱାସଯୋଗ୍ୟ ନୁହେଁ । ଅପିଲକାରୀ ଅଜିତଙ୍କ ପାଖରୁ ଉକ୍ତ ଦେଶୀ ପିସ୍ତଲ କିପରି ଏବଂ କେବେ ଉଦ୍ଧାର କରାଗଲା, ତାହା ମଧ୍ୟ ସ୍ପଷ୍ଟ ଜଣାପଡୁନାହିଁ । ଏପରି କୌଣସି ନିର୍ଭରଯୋଗ୍ୟ ଏବଂ ଅକାଟ୍ୟ ପ୍ରମାଣ ନାହିଁ ଯାହା ଅପିଲକାରୀଙ୍କୁ ତାଙ୍କ ବିରୁଦ୍ଧରେ ହୋଇଥିବା କଥିତ ଅପରାଧ ସହିତ ଯୋଡ଼ିପାରିବ । ଅଭିଯୁକ୍ତଙ୍କ ଚିହ୍ନଟ ପ୍ରକ୍ରିୟା ସମ୍ବନ୍ଧରେ ଏହା ଏକ ସ୍ୱୀକୃତ ସ୍ଥିତି ଯେ, ଅଭିଯୋଜନ ପକ୍ଷ ସାକ୍ଷୀ-7 ଙ୍କ ଉପସ୍ଥିତିରେ ଅଭିଯୁକ୍ତମାନଙ୍କୁ ପୋଲିସ ହାଜତରୁ ବାହାର କରାଯାଇ ପଚରାଉଚରା କରାଯାଇଥିଲା । ତେଣୁ, ନ୍ୟାୟାଳୟରେ ଅଭିଯୁକ୍ତଙ୍କ ଚିହ୍ନଟ ଉପରେ କୌଣସି ଭରସା କରାଯାଇପାରିବ ନାହିଁ । ଶ୍ରୀ ସୁଶୀଲ କୁମାର ଯୁକ୍ତି କରିଛନ୍ତି ଯେ, ସନ୍ଦେହଜନିତ ଲାଭ ଦେଇ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯିବା ଉଚିତ୍ । ଶ୍ରୀ ସୁଶୀଲ କୁମାର ଆହୁରି ମଧ୍ୟ ଦର୍ଶାଇଛନ୍ତି ଯେ, ଯେକୌଣସି ପରିସ୍ଥିତିରେ ମଧ୍ୟ, ସେମାନଙ୍କ ଗିରଫ ତାରିଖଠାରୁ ଅପିଲକାରୀ ହାଜତରେ ଅଛନ୍ତି ଏବଂ ଏହି ସମୟ ମଧ୍ୟରେ ସେ ପାଞ୍ଚ ବର୍ଷରୁ ଅଧିକ ସମୟ କାରାଦଣ୍ଡ ଭୋଗି ସାରିଛନ୍ତି । ଯଦିଓ ଏହି ନ୍ୟାୟାଳୟଙ୍କ ଦ୍ୱାରା ଧାରା 392 ଅନ୍ତର୍ଗତ ତାଙ୍କର ଦୋଷୀ ସାବ୍ୟସ୍ତ ଜାରି ରହେ, ତଥାପି ଅପିଲକାରୀଙ୍କୁ ମୁକ୍ତ କରାଯିବା ଉଚିତ୍ ।

ଆମକୁ ପ୍ରତୀୟମାନ ହେଉଛି ଯେ ଶ୍ରୀ ସୁଶୀଲ କୁମାରଙ୍କ ଯୁକ୍ତିରେ ଦୃଢତା ଏବଂ ଯଥାର୍ଥତା ରହିଛି । ମାମଲାର ତଥ୍ୟ ଏବଂ ପରିସ୍ଥିତିକୁ ଦୃଷ୍ଟିରେ ରଖି, ଆମେ ମନେ କରୁନାହୁଁ ଯେ ଅପିଲକାରୀଙ୍କୁ ଆଇପିସି ଧାରା 397 ଏବଂ 394 ଅନ୍ତର୍ଗତ ଦୋଷୀ ସାବ୍ୟସ୍ତ କରାଯିବା ଉଚିତ୍ । କିନ୍ତୁ ଆମ ମତରେ, ଅଭିଯୋଜନ ପକ୍ଷ ସାକ୍ଷୀ 7 ଏବଂ 8 ଙ୍କ ବୟାନ ଆଧାରରେ ଅପିଲକାରୀଙ୍କୁ ଆଇପିସି ଧାରା 392 ଅନ୍ତର୍ଗତ ଦୋଷୀ ସାବ୍ୟସ୍ତ କରାଯିବା ନିଷ୍ପତ୍ତି ଜାରି ରହିବା ଉଚିତ୍ । ଆଇପିସି ଧାରା 394 ଏବଂ 397 ଅନ୍ତର୍ଗତ ଦୋଷୀ ସାବ୍ୟସ୍ତ ଯଥାର୍ଥ ବୋଲି ମନେ ହେଉନାହିଁ । ଏହିପରି ଦୋଷୀ ସାବ୍ୟସ୍ତକୁ ବାତିଲ କରାଯାଉଛି । ତେଣୁ, ଆମେ ଆଇପିସି ଧାରା 394 ଏବଂ 397 ଅନ୍ତର୍ଗତ ଦୋଷୀ ସାବ୍ୟସ୍ତ ଏବଂ ଦଣ୍ଡାଦେଶକୁ ବାତିଲ କରି ଆଂଶିକ ଭାବେ ଏହି ଅପିଲକୁ ମଞ୍ଜୁର କରୁଛୁ, କିନ୍ତୁ ଧାରା 392 ଅନ୍ତର୍ଗତ ଦୋଷୀ ସାବ୍ୟସ୍ତକୁ ଜାରି ରଖାଯାଉଛି । ଅପିଲକାରୀ ପାଞ୍ଚ ବର୍ଷରୁ ଅଧିକ ସମୟ କାରାଦଣ୍ଡ ଭୋଗି ସାରିଥିବା ଦର୍ଶାଯାଇଛି । ମାମଲାର ତଥ୍ୟ ଅନୁସାରେ, ଯଦି ଆଇପିସି ଧାରା 392 ଅନ୍ତର୍ଗତ ଅପରାଧ ପାଇଁ ଦଣ୍ଡାଦେଶକୁ ପାଞ୍ଚ ବର୍ଷ ଅବଧିକୁ ହ୍ରାସ କରାଯାଏ, ତେବେ ତାହା ନ୍ୟାୟୋଚିତ ହେବ । ଯଦି ଅପିଲକାରୀ ଅନ୍ୟ କୌଣସି ଅପରାଧିକ ମାମଲାରେ ଆବଶ୍ୟକ ନୁହଁନ୍ତି, ତେବେ ତାଙ୍କୁ ତୁରନ୍ତ ମୁକ୍ତ କରାଯିବ, ସର୍ତ୍ତ ଥାଉ କି ସେହି ସମୟ ସୁଦ୍ଧା ସେ ପାଞ୍ଚ ବର୍ଷର କାରାଦଣ୍ଡ ଭୋଗି ସାରିଥିବେ ।

ସହ-ଅଭିଯୁକ୍ତ ରାଜପାଲଙ୍କ ସମ୍ବନ୍ଧରେ ଏହା ପ୍ରତୀୟମାନ ହେଉଛି ଯେ, ସେ ନିଜ ଦୋଷୀ ସାବ୍ୟସ୍ତ ବିରୁଦ୍ଧରେ କୌଣସି ଅପିଲ କରିନାହାଁନ୍ତି । ଉକ୍ତ ଅଭିଯୁକ୍ତ ରାଜପାଲଙ୍କ ଦ୍ୱାରା କୌଣସି ଅପିଲ କରାଯାଇଛି କି ନାହିଁ, ସେ ବିଷୟରେ ରାଜ୍ୟ ପକ୍ଷର ବିଜ୍ଞ ଅଧିବକ୍ତା ମଧ୍ୟ ଏହି ନ୍ୟାୟାଳୟଙ୍କୁ ଅବଗତ କରିବା ସ୍ଥିତିରେ ନାହାଁନ୍ତି । ଅପିଲକାରୀ ଅଜିତ ସିଂହଙ୍କ ସମ୍ବନ୍ଧରେ ଆମର ଅନୁସନ୍ଧାନକୁ ଦୃଷ୍ଟିରେ ରଖି, ସହ-ଅଭିଯୁକ୍ତ ରାଜପାଲ ମଧ୍ୟ କେବଳ ଧାରା 392 ଅନ୍ତର୍ଗତ ଦୋଷୀ ସାବ୍ୟସ୍ତ ଏବଂ ଆଇପିସି ଧାରା 394 ଓ 397 ଅନ୍ତର୍ଗତ ଅପରାଧରୁ ନିର୍ଦ୍ଦୋଷରେ ଖଲାସ ହେବାର ସମାନ ସୁବିଧା ପାଇବାକୁ ହକଦାର । ଆମେ ସେହି ଅନୁସାରେ ଆଦେଶ ଦେଉଛୁ । ଏହି ସମ୍ବନ୍ଧରେ, *ପିଆରା ସିଂହ ବନାମ ମଧ୍ୟପ୍ରଦେଶ ରାଜ୍ୟ*, [1992] Suppl. 3 SCC 45 ମାମଲାରେ ଏହି ନ୍ୟାୟାଳୟଙ୍କ ଏକ ନିଷ୍ପତ୍ତିର ସନ୍ଦର୍ଭ ଦିଆଯାଇପାରେ, ଯେଉଁଠାରେ ଏହି ନ୍ୟାୟାଳୟ ସୂଚାଇଛନ୍ତି ଯେ ଯଦି କୌଣସି ଅଭିଯୁକ୍ତ ଦାରିଦ୍ର୍ୟ କିମ୍ବା ଅନ୍ୟ କୌଣସି କାରଣରୁ ଅପିଲ କରିବାରେ ବିଫଳ ହୁଅନ୍ତି, ତେବେ ସମାନ ପରିସ୍ଥିତିରେ ଏହି ନ୍ୟାୟାଳୟଙ୍କ ଦ୍ୱାରା ଅନ୍ୟ ଅଭିଯୁକ୍ତଙ୍କ ବିରୁଦ୍ଧରେ ପାରିତ ହୋଇଥିବା ଦଣ୍ଡାଦେଶର ପରିବର୍ତ୍ତନର ସୁବିଧା ପାଇବାକୁ ସେ ମଧ୍ୟ ହକଦାର ହେବେ । ଆମ ମତରେ, ଏହି ନ୍ୟାୟାଳୟଙ୍କ ଦ୍ୱାରା ଏପରି କାର୍ଯ୍ୟାନୁଷ୍ଠାନ ନେବା ଏହି ମାମଲାର ତଥ୍ୟ ଅନୁସାରେ ନ୍ୟାୟ ପ୍ରଦାନ ସହିତ ସୁସଙ୍ଗତ ହେବ । ଆମେ ଏହା ମଧ୍ୟ ସୂଚାଇବାକୁ ଚାହୁଁ ଯେ, ଆମକୁ ପ୍ରତୀୟମାନ ହେଉଛି ଯେ ସମ୍ଭବତଃ ସହ-ଅଭିଯୁକ୍ତ ନିଜ ଇଚ୍ଛାରେ ନୁହେଁ ବରଂ ଦାରିଦ୍ର୍ୟ କାରଣରୁ ଏହି ନ୍ୟାୟାଳୟରେ କୌଣସି ଅପିଲ କରିବାରେ ବିଫଳ ହୋଇଛନ୍ତି । ତେଣୁ, ଆମେ ନିର୍ଦ୍ଦେଶ ଦେଉଛୁ ଯେ ଆଇପିସି ଧାରା 392 ଅନ୍ତର୍ଗତ ଅପରାଧ ପାଇଁ ରାଜପାଲଙ୍କ ଦଣ୍ଡାଦେଶକୁ ମଧ୍ୟ ପାଞ୍ଚ ବର୍ଷ ଅବଧିକୁ ହ୍ରାସ କରାଯାଉ । ଯଦି ସହ-ଅଭିଯୁକ୍ତ ରାଜପାଲ ଅନ୍ୟ କୌଣସି ଅପରାଧିକ ମାମଲାରେ ଆବଶ୍ୟକ ନୁହଁନ୍ତି, ତେବେ ତାଙ୍କୁ ମଧ୍ୟ ମୁକ୍ତ କରାଯିବ, ସର୍ତ୍ତ ଥାଉ କି ସେହି ସମୟ ସୁଦ୍ଧା ସେ ପାଞ୍ଚ ବର୍ଷର କାରାଦଣ୍ଡ ଭୋଗି ସାରିଥିବେ ।

ଜି.ଏନ୍. ଅପିଲଟିକୁ ଆଂଶିକ ଭାବେ ମଞ୍ଜୁର କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

***<u>ଭାଷାନ୍ତର :</u>***

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**